## କେନ୍ଦୁଝର : ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ :

## କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ ସମାରୋହ

କେନ୍ଦୁଝର, ତା୩୦.୦୭. କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୬ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି । ମହାମାରୀ କୋଭିଡ୍‌ର ସଂକ୍ରମଣ ଦୃଷ୍ଟିରୁ କୋଭିଡ୍ ଗାଇଡ୍‌ଲାଇନ୍‌ସ୍ ତଥା ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହା ପାଳନ କରାଯିବ ବୋଲି କହିଛନ୍ତି । ବିଶେଷ କରି ଜନଗହଳି ନକରାଇବା, ସାମାଜିକ ଦୂରତା ଅବଲମ୍ବନ କରିବା ଓ ମୁହଁରେ ମାସ୍କ ବ୍ୟବହାର କରି ଏହି ଜାତୀୟ ଦିବସକୁ ସୀମିତ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ପାଳନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ ନିମନ୍ତେ ତା୩୦.୦୭.୨୦୨୨ରିଖ ଶନିବାର ଅପରାହ୍ଣରେ ଜିଲ୍ଲାପାଳ ଶ୍ରୀ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍‌ସ୍ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ସଂଜୀବ ବାରିକ କାର୍ଯ୍ୟସୂଚୀ ସଂପର୍କରେ ବିବରଣୀ ପ୍ରଦାନ କରି ଆଲୋଚନା ଆରମ୍ଭ ,କରିଥିଲେ । ପ୍ରସ୍ତୁତି ବୈଠକର ନିଷ୍ପତି ଅନୁଯାୟୀ ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟୁଷରେ ରାମଧୂନ୍ ପ୍ରଚାର, ସକାଳ ୭ ଘଟିକାରୁ ଘ୭.୩୦ମି. ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୫୦ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମର୍ତିରେ ମାଲ୍ୟାର୍ପଣ, ସକାଳ ଘ୯.୧୫ମି. ସମୟରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତୋଳନ କରାଯିବ । ସ୍ୱାଧୀନତା ଦିବସ ଦିନ ପୂର୍ବାହ୍ଣ ଘ୯.୧୫ ମି. ସମୟରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ଉଦ୍‌ବୋଧନ ଦେବେ । ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସୀମିତ ସଂଖ୍ୟକ ଅତିଥିଙ୍କୁ ଜିଲ୍ଲାସ୍ତରୀୟ ସମାରୋହରେ ଯୋଗଦାନ ନିମନ୍ତେ ଆମନ୍ତ୍ରଣ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି କ୍ରମରେ ମହାମାରୀ କରୋନା ବିରୁଦ୍ଧରେ ଲଢେଇ ଜାରି ରଖିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିରିକୃତ ହୋଇଛି । ଚଳିତ ବର୍ଷ ଜାତୀୟ ପତାକାକୁ ସମ୍ମାନ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବା ପାଇଁ ସଶସ୍ତ୍ର ପୋଲିସ୍ ବାହିନୀ, ହୋମଗାର୍ଡସ୍ ଓ ପୋଲିସ୍ ବ୍ୟାଣ୍ଡ୍‌ପାର୍ଟି ଅଂଶ ଗ୍ରହଣ କରିବେ ବୋଲି ନିଷ୍ପତି ନିଆଯାଇଛି । ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ଆଇନ ଶୃଙ୍ଖଳା, ଟ୍ରାଫିକ୍ କଂଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟ ଜଳ ଯୋଗାଣ ଓ ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଇତ୍ୟାଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଡି.ଏଫ୍.ଓ. ଧନରାଜ୍ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଂରଚି ପ୍ରସାଦ ଦେହୁରୀ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍.ଡି.ପି.ଓ. ପ୍ରକାଶ ଜେମ୍‌ସ୍ ଟୋପ, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁମିତା ସାମନ୍ତରାୟ, ଆର୍.ଆଇ ଅଫ୍ ପୋଲିସ୍ ବିମଳ ଚନ୍ଦ୍ର ରାଉତ, ଟିପିଏନ୍‌ଓଡିଏଲ୍ ର ନିର୍ବାହୀ ଯନ୍ତ୍ରୀ ବିରଂଚି ନାରାୟଣ ସାହୁ, ପୂର୍ତ ବିଭାଗର ସହକାରୀ ଯନ୍ତ୍ରୀ ରାମେଶ୍ୱର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ ବିଭିନ୍ନ ସରକାରୀ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ତା ୧୫.୦୮.୨୦୨୨ରିଖ ସକାଳ ୭ ଘଟିକାରୁ ସକାଳ ୭.୩୦ ମିନିଟ୍ ମଧ୍ୟରେ ଜାତୀୟ ପତାକା ଉତୋଳନ କରିବା ପାଇଁ ସୂଚନା ଦିଆଯାଇଛି ଏବଂ ଏଥି ନିମନ୍ତେ ସୀମିତ ସଂଖ୍ୟକ କର୍ମଚାରୀ/ବ୍ୟକ୍ତି କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ସାମିଲ୍ କରିବାକୁ ନିଷ୍ପତି ନିଆଯାଇଛି ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର